# NATIONAL NEWS BULLETIN (ODIA)
## 05th June - 2025
## Evening Bulletin : 7.15 p.m.

*************************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଆସନ୍ତାକାଲି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ ।
- କାଜାଖସ୍ତାନ ଉପପ୍ରଧାନମନ୍ତ୍ରୀଙ୍କ ସହ ନୂଆଦିଲ୍ଲୀରେ ଆଜି ଆଲୋଚନା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଦେଶର ସମସ୍ତ ଶିକ୍ଷାନୁଷ୍ଠାନରେ ୧୦ କୋଟି ଗଛ ଲଗାଯିବ; କହିଲେ ଶିକ୍ଷାମନ୍ତ୍ରୀ ।
- ମଧ୍ୟପ୍ରଦେଶ ଭିଣ୍ଡ୍ ଜିଲ୍ଲାରେ ସାମ୍ବାଦିକଙ୍କ ଉପରେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟ ଅଭିଯୋଗ ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ମାନବାଧିକାର କମିଶନଙ୍କ ନୋଟିସ୍ ।

ଏବଂ

- ମହିଳା ହକି ଏସୀୟ କପ୍-୨୦୨୫ ପ୍ରତିଯୋଗିତାର କାର୍ଯ୍ୟସୂଚୀ ଘୋଷିତ ।

## ପି.ଏମ୍. - ୟୁ.ଏସ୍.ବି.ଆର୍.ଏଲ୍. ଜେ.କେ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କାଶ୍ମୀ ଗସ୍ତ ଅବସରରେ ଆସନ୍ତାକାଲି ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳ ସଂଯୋଗ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରାୟ ୪୪ ହଜାର କୋଟି ଟଙ୍କା ବ୍ୟୟରେ ୨୭୨ କିଲୋମିଟର ଦୀର୍ଘ ଏଲହି ପ୍ରକଳ୍ପ ନିର୍ମିତ ହୋଇଛି । ସମ୍ପୂର୍ଣ୍ଣ ବିଦ୍ୟୁତକରଣ ହୋଇଥିବା ଏହି ରେଳଲାଇନ୍‌ରେ ୩୬ଟି ସୁଡ଼ଙ୍ଗ ଏବଂ ୯୪୩ଟି ସେତୁ ରହିଛି । ବିଶ୍ୱର ସର୍ବୋଚ୍ଚ ରେଳ ସଂଯୋଗୀକରଣ ଚେନାବ ସେତୁ ଏବଂ ପ୍ରଥମ କେବୁଲ ମାଧ୍ୟମରେ ସଂଯୁକ୍ତ ଅଞ୍ଜି ରେଳ ସେତୁ ଏହି ରେଳଲାଇନ୍‌ର ଅଂଶ । ବର୍ଷର ସବୁ ସମୟରେ ଏହି ରେଳଲାଇନ୍ ମାଧ୍ୟମରେ ସୁଗମ ଯାତ୍ରା ସମ୍ଭବ ହୋଇପାରିବ । ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ ବ୍ୟବସ୍ଥାକୁ ଏହା ତ୍ୱରାନ୍ୱିତ କରିବା ସହ ଗମନାଗମନ ଅଧିକ ସୁଗମ ହୋଇପାରିବ । ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ ଚେନାବ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳ ସେତୁ । ଭୁକମ୍ପ ଏବଂ ଅଧିକ ପବନର ବେଗ ସହ୍ୟ କରିବାର ଶକ୍ତି ଏହାର ରହିଛି । ୧ କିଲୋମିଟରରୁ ଅଧିକ ଦୈର୍ଘ୍ୟବିଶିଷ୍ଟ ଏହି

ସେତୁ ଆଇଫେଲ୍ ଟାୱାର ଠାରୁ ୩୫ ମିଟର ଉଚ୍ଚ । ଘଣ୍ଟାପ୍ରତି ୨୬୦ କିଲୋମିଟର ପର୍ଯ୍ୟନ୍ତ ପବନର ବେଗ ସହ୍ୟ କରିପାରୁଥିବା ଏହି ସେତୁର ଜୀବନକାଳ ୧୨୦ ବର୍ଷ ଆକଳନ କରାଯାଇଛି । ଭାରତ ବୈଷୟିକ ଦକ୍ଷତାର ଏହା ଅନ୍ୟତମ ପ୍ରତୀକ । ଦୁର୍ଗମ ହିମାଳୟ ଅଞ୍ଚଳରେ ପ୍ରଥମ କେବୁଲ୍-ଷ୍ଟେଡ୍ ରେଳ ସେତୁ ଭାବେ ଅଞ୍ଜି ସେତୁ ମାନ୍ୟତା ପାଇଛି । ଉଦ୍ଧମପୁର-ଶ୍ରୀନଗର-ବାରମୁଲା ରେଳଲାଇନ୍‌ର କଟ୍ରା ବାନିହାଲ୍ ସେକ୍ସନ୍‌କୁ ଏହି ସେତୁ ସଂଯୋଗ କରୁଛି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେଥିମଧ୍ୟରୁ ଗୋଟିଏ ଶ୍ରୀମାତା ବୈଷ୍ଣୋଦେବୀ କଟ୍ରା ଏବଂ ଅନ୍ୟଟି ଶ୍ରୀନଗରରୁ କଟ୍ରାକୁ ଚଳାଚଳ କରିବ । ଆସନ୍ତା ଶନିବାରଠାରୁ ଏହି ଦୁଇଟି ଟ୍ରେନ୍ ସପ୍ତାହକୁ ୬ ଦିନ ଚଳାଚଳ କରିବ । କାଶ୍ମୀର ଉପତ୍ୟକା ଏବଂ ପ୍ରମୁଖ ତୀର୍ଥସ୍ଥଳୀଗୁଡ଼ିକୁ ଏହାଦ୍ୱରା ସଂଯୋଗୀକରଣ ସୁଗମ ହୋଇପାରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କଟ୍ରାଠାରେ ୩୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଶ୍ରୀମାତା ବୈଷ୍ଣୋଦେବୀ ମେଡିକାଲ୍ ଉତ୍କର୍ଷ ପ୍ରତିଷ୍ଠାନର ମଧ୍ୟ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ । ରିଆସି ଜିଲ୍ଲାର ଏହି ପ୍ରଥମ ମେଡିକାଲ୍ କଲେଜ ସେଠାକାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

## ଇ.ଏ.ଏମ୍. - କାଜାଖସ୍ତାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ନୂଆଦିଲ୍ଲୀରେ ଆଜି କାଜାଖସ୍ତାନ ବୈଦେଶିକ ବ୍ୟାପାର ଦାୟିତ୍ୱରେ ଥିବା ଉପପ୍ରଧାନମନ୍ତ୍ରୀ ମୁରାଟ ନୁର୍ଟ୍‌ଲିଙ୍କ ସହ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ରାଜନୈତିକ, ବାଣିଜ୍ୟ, ବିଦେଶ, ଶକ୍ତି ସହଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ରଣନୈତିକ ସହଭାଗିତାର ବିଭିନ୍ନ ଦିଗ ଉପରେ ଉଭୟ ପକ୍ଷ ଆଲୋଚନା କରିଥିବା ଜଣାପଡ଼ିଛି । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ଶ୍ରୀ ନୁର୍ଟ୍‌ଲିଙ୍କ ସମର୍ଥନକୁ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି ।

## ପ୍ରାଣ ପ୍ରତିଷ୍ଠାତା - ରାମ ଦରବାର

ଗଙ୍ଗା ଦଶହରା ଉତ୍ସବର ଶୁଭ ଅବସରରେ ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୂମି ମନ୍ଦିରର ପ୍ରଥମ ମହଲାରେ ଆଜି ରାଜା ରାମଙ୍କ ସହିତ ଅନ୍ୟାନ୍ୟ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ତର ପ୍ରଦେଶ

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ପ୍ରତିଷ୍ଠା ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଏ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ଏକ ରିପୋର୍ଟ :

***Voice (Om Awasthi)* :..........**

## ପ୍ରଧାନ - ଏନ୍‌ଭିରନ୍‌ମେଣ୍ଟ ଡେ

ସାରା ଦେଶରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ୧୦ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ବିଶ୍ୱ ପରିବେଶ ଦିବସ ଅବସରରେ ଆଜି ନୂଆଦିଲ୍ଲୀ ଗୋଲମାର୍କେଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଛାତ୍ରଛାତ୍ରୀମାନଙ୍କ ସହ ‘ଏକ ପେଡ୍ ମା’କେ ନାମ୍-୨.୦’ ଅଭିଯାନର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷାରେ ଅଂଶୀଦାର ହେବା ପାଇଁ ପରାମର୍ଶ ଦେଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷାନୀତି ଅଧୀନରେ ସ୍କୁଲ ଶିକ୍ଷା ବିଭାଗ ଦ୍ୱାରା ପରିବେଶଗତ ଶିକ୍ଷାକୁ ମୁଖ୍ୟ ଧାରାରେ ଆଣିବା ପାଇଁ ଚେଷ୍ଟା କରାଯାଉଛି। ସ୍କୁଲଗୁଡ଼ିକରେ ‘ଇକୋ-କ୍ଲବ୍ ଫର ମିଶନ ଲାଇଫ୍’ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନ କରାଇବ।

***Voice (Pradhan) :.......***

ଦେଶରେ ବୃଦ୍ଧି ପାଉଥିବା ମେଦବହୁଳତା ସମସ୍ୟା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିବା ସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ କମ୍ ତୈଳଯୁକ୍ତ ଖାଦ୍ୟ ଖାଇବା ଏବଂ ଜଙ୍କ୍‌ଫୁଡ୍ ବର୍ଜନ ପାଇଁ ପରାମର୍ଶ ଦେଇଛନ୍ତ।

## ଗୁଜରାଟ - ୱାର୍ଲଡ ଏନ୍‌ଭିରୋନ୍‌ମେଣ୍ଟ ଡେ

ବିଶ୍ୱ ପରିବେଶ ଦିବସ-୨୦୨୫ ଉପଲକ୍ଷେ ଗୁଜରାଟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ଗୁଜରାଟର ଏଥିପାଇଁ ବାର୍ତ୍ତା ରହିଛି "ଆଜି ଗଛ ଲଗାନ୍ତୁ, ଭବିଷ୍ୟତକୁ ସୁରକ୍ଷିତ ରଖନ୍ତୁ" । ଗୁଜରାଟରେ ପରିବଶେର ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ଭୁପେନ୍ଦର ପଟେଲ୍ ୧୬ ହଜାର ବୃକ୍ଷ ରୋପଣ ହୋଇଥିବା 'ମାତୃଭନ୍ ବନକବଚ'କୁ ଉଦ୍‌ଘାଟନ କରିଛନ୍ତି । "ଏକ୍ ପେଡ୍ ମା' କେ ନାମ୍-୨.୦" ଅଭିଯାନର ଏହା ଏକ ଅଂଶସ୍ୱରୂପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ମସିହାରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ମୁଖ୍ୟମନ୍ତ୍ରୀ ଭୁପେନ୍ଦର ପଟେଲ୍ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କରିବା ସହିତ ଜନସାଧାରଣଙ୍କୁ ଅହମ୍ମଦାବାଦ ପୌର ନିଗମର ମହତ୍ତ୍ୱାକାଂକ୍ଷୀ ଅଭିଯାନ "ମିଲିୟନ ଗଛପାଇଁ ମିଶନ"ର ଆରମ୍ଭ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫୫୧ଟି ସିନ୍ଦୂର ଚାରାରୋପଣ କରିଥିଲେ । ସିନ୍ଦୂର ହେଉଛି ଶକ୍ତି, ତ୍ୟାଗ ଓ ସ୍ଥାୟିତ୍ୱର ପ୍ରତୀକ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ୍ ପରିବେଶଗତ ଚିତ୍ରକଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ପ୍ରତିଯୋଗୀଙ୍କୁ ସାଇକେଲ୍ ପ୍ରଦାନ କରି ସମ୍ମାନିତ କରିଥିଲେ । ଶ୍ରୀ ପଟେଲ୍ କହିଥିଲେ, ସାଇକେଲ୍ ହେଉଛି ପରିବେଶ ଅନୁକୂଳ ପରିବହନ ଏବଂ ଏହା ସବୁଜ ଜୀବନଶୈଳୀକୁ ବେଶ୍ ପ୍ରୋତ୍ସାହିତ କରିଥାଏ । ଏହି ମିଳିତ ପ୍ରୟାସ କେବଳ ନୀତି ନୁହେଁ; ବରଂ ଲୋକଙ୍କ ଅଂଶଗ୍ରହଣକୁ ପ୍ରତିଫଳିତ କରେ । ତେବେ ସାମୂହିକ ଚେତନାଦ୍ୱାରା ପରିଚାଳିତ ଏକ ସବୁଜ ଗୁଜରାଟ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମାଟିରେ ପୋତାଯାଇଥିବା ମଞ୍ଜିରୁ ଯୁବକ ମନରେ ଧାରଣା ପର୍ଯ୍ୟନ୍ତ ଏହି ବିଶ୍ୱ ପରିବେଶ ଦିବସ ପରିବର୍ତ୍ତନର ଗୋଟିଏ ପାଦ କିମ୍ବା ଗୋଟିଏ ଗଛ ସହିତ ଆରମ୍ଭ ହୁଏ ବୋଲି ସ୍ମରଣ କରାଇଦେଉଛି ।

## ଏନ୍.ଏଚ୍.ଆର୍.ସି. - ଏମ୍.ପି ଜର୍ଣ୍ଣାଲିଷ୍ଟ

ମଧ୍ୟପ୍ରଦେଶର ଭିଣ୍ଡ୍ ଜିଲ୍ଲାରେ ଦୁଇଜଣ ସାମ୍ବାଦିକଙ୍କ ପ୍ରତି ପୁଲିସର ମାତ୍ରାଧିକ କାର୍ଯ୍ୟକୁ କେନ୍ଦ୍ରକରି ଜାତୀୟ ମାନବାଧିକାର କମିଶନ - ଏନ୍.ଏଚ୍.ଆର୍.ସି. ମଧ୍ୟପ୍ରଦେଶର ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଏକ ନୋଟିସ୍

ଜାରି କରିଛନ୍ତି । କମିଶନ୍ ମଧ୍ୟ ଏନେଇ ଗତମାସ ୧ ତାରିଖରେ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆକୁ ନୋଟିସ୍ ଜାରି କରିଥିଲେ । ଏନେଇ କମିଶନ ମଧ୍ୟପ୍ରଦେଶର ପୁଲିସ୍ ମହାନିର୍ଦ୍ଦେଶଙ୍କୁ ଦୁଇ ସପ୍ତାହ ମଧ୍ୟରେ ଏକ ବିସ୍ତୃତ ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ମାନବାଧିକାର କମିଶନ କହିଛନ୍ତି, ଦୁଇଜଣଯାକ ସାମ୍ବାଦିକ ଓ ପୁଲିସ୍ ମଧ୍ୟରେ ହୋଇଥିବା ଅପ୍ରୀତିକର ପରିସ୍ଥିତିର ସମାଧାନ ହୋଇଯାଇଛି । ଯଦି ଏହା ସତ୍ୟ ହୋଇଥାଏ, ତେବେ ଏହାଦ୍ୱାରା ଦୁଇ ସାମ୍ବାଦିକଙ୍କ ମାନବାଧିକାର କ୍ଷୁଣ୍ଣ ହୋଇଛି ବୋଲି କମିଶନ କହିଛନ୍ତି ।

## ହକି ୱିମେନ୍ସ ଏସିଆ କପ୍

ମହିଳା ହକି ଏସିଆ କପ୍ ୨୦୨୫ର କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଚଳିତବର୍ଷ ସେପ୍ଟେମ୍ବର ୫ରୁ ୧୪ତାରିଖ ପର୍ଯ୍ୟନ୍ତ ଚୀନ୍‌ର ହାଙ୍ଗଜାଉରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ' ଥାଇଲାଣ୍ଡ ସହ ମୁକାବିଲା କରିବ । ପୁଲ୍-ବି'ରେ ଭାରତ ସହ ଜାପାନ୍, ଥାଇଲାଣ୍ଡ ଏବଂ ସିଙ୍ଗାପୁର ରହିଥିବାବେଳେ ପୁଲ୍-ଏ'ରେ ଚୀନ୍, କୋରିଆ, ମାଲେସିଆ ଏବଂ ଚାଇନିଜ୍ ତାଇପେ ରହିଛି ।

ଗତବର୍ଷ ଏହି ପ୍ରତିଯୋଗିତାରେ ଟିମ୍ ଇଣ୍ଡିଆ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଚଳିତବର୍ଷ ଟାଇଟଲ ହାସଲ ଲାଗି ଉଦ୍ୟମ କରିବ । ଏସିଆ

କପ୍‌ରେ ବିଜୟୀ ଦଳ ସିଧାସଳଖ ୨୦୨୬ ମହିଳା ଏଫ୍.ଆଇ.ଏଚ୍. ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ ।

*****